Ph : 0674-2393464
2395979

# BIJU JANATA DAL

Qrs. No. 6R-3, Unit-VI, Bhubaneswar (Odisha)

ପତ୍ର ସଂଖ୍ୟା.୪୭/ପି.ଆର୍.ଏସ୍/ଓ.ଆର.ଜି/ବିଜେଡ଼ି/୨୧
ତା:୧୭/୧୨/୨୦୨୧

**ବିଷୟ: ବିଜୁ ଜନତା ଦଳର ୨୫ତମ ପ୍ରତିଷ୍ଠା ଦିବସ ।**

ମହାଶୟା/ ମହାଶୟ,

ଆସନ୍ତା ଡିସେମ୍ବର ୨୬ରେ ବିଜୁ ଜନତା ଦଳ ତା'ର ୨୫ତମ ପ୍ରତିଷ୍ଠା ଦିବସ ପାଳନ କରିବ । ଏହା ଆମ ପାଇଁ ଅତ୍ୟନ୍ତ ଖୁସିର ବିଷୟ । ଦଳର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ଗର୍ବ ଓ ଗୌରବର କଥା । ବିଗତ ୨୪ ବର୍ଷ ଧରି ଉତ୍ସର୍ଗୀକୃତ ମନୋଭାବ ନେଇ କାମ କରି ଆସୁଥିବା ଏକ ଆଞ୍ଚଳିକ ରାଜନୈତିକ ଦଳ ପାଇଁ ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି । ଏ ଅବସରରେ ଆପଣମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।

ଓଡ଼ିଶାର ଅଗଣିତ ଜନସାଧାରଣଙ୍କ ଅକୁଣ୍ଠ ସମର୍ଥନରେ ବିଜୁ ବାବୁଙ୍କ ନୀତି ଏବଂ ଆଦର୍ଶରେ ଗଠିତ ଏହି ଆଞ୍ଚଳିକ ଦଳ ଓଡ଼ିଶାବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛି । ଦଳର କର୍ମକର୍ତ୍ତା ତଥା ଗାଁରୁ ସହର ସବୁଠି ଲୋକସେବାରେ ନିୟୋଜିତ ଥିବା ଅଗଣିତ କର୍ମୀଙ୍କର ନିଷ୍ଠା, କଠିନ ପରିଶ୍ରମ ଓ ତ୍ୟାଗ ବିଜୁ ଜନତା ଦଳକୁ ଆଜି ଲୋକଙ୍କ ନିକଟତର କରିଛି ।

କୋଭିଡ୍ ମହାମାରୀ ପରିସ୍ଥିତିରେ ଆପଣମାନେ ଯେଉଁଭଳି ଧୈର୍ଯ୍ୟ, ତ୍ୟାଗ, ନିଷ୍ଠା ଏବଂ ଉତ୍ସର୍ଗୀକୃତ ସେବା ମନୋଭାବ ପ୍ରଦର୍ଶନ କରିଛନ୍ତି, ସେଥିପାଇଁ ମୁଁ ଗର୍ବିତ । କୋଭିଡ୍ ସଂକ୍ରମଣକୁ ନିୟନ୍ତ୍ରଣରେ ରଖିବାରେ ଆପଣମାନଙ୍କର ସହଯୋଗ ଆଜି ଆମକୁ ବିଶ୍ୱ ଦରବାରରେ ପହଞ୍ଚାଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆମ କୋଭିଡ୍ ପରିଚାଳନାକୁ ସମଗ୍ର ବିଶ୍ୱରେ ଜନସହଯୋଗର ଏକ ଅଭୂତପୂର୍ବ ଉଦାହରଣ ଭାବରେ ଅଭିହିତ କରି ଓଡ଼ିଶାବାସୀଙ୍କ ସହଯୋଗର ଭୂୟସୀ ପ୍ରଶଂସା କରିଛନ୍ତି ।

**ଆସନ୍ତା ୨୬ ତାରିଖରେ ଦଳର ୨୫ତମ ପ୍ରତିଷ୍ଠା ଦିବସ ରାଜ୍ୟ ସ୍ତରରେ ଏବଂ ପ୍ରତ୍ୟେକ ବ୍ଲକ ଏବଂ ସହରାଞ୍ଚଳରେ ପାଳନ କରାଯିବ ।**

ବ୍ଲକ ମୁଖ୍ୟାଳୟରେ ଦଳର ସମସ୍ତ ନିର୍ବାଚିତ ପ୍ରତିନିଧି, ବ୍ଲକ, ଯୁବ, ଛାତ୍ର, ମହିଳା ଏବଂ ବରିଷ୍ଠ ବିଜେଡ଼ି କମିଟିର ସମସ୍ତ ସଦସ୍ୟ, ବିଜେଡ଼ି ପଞ୍ଚାୟତ ସଭାପତିଙ୍କ ସହିତ ନିକଟରେ ପ୍ରତି ବ୍ଲକରେ ଗଠିତ ହୋଇଥିବା ଜୋନ୍ କମିଟିର ବ୍ଲକ କୋଅର୍ଡିନେଟର, ଜୋନ୍ କୋଅର୍ଡ଼ିନେଟର, ଜୋନ୍ କମିଟି ସଦସ୍ୟ ଏବଂ ପଞ୍ଚାୟତ କମିଟିର ସଦସ୍ୟଗଣ ଉପସ୍ଥିତି ରହିବେ । ଏଥି ସହିତ ୨୫ଜଣ ପ୍ରାଥମିକ ସଦସ୍ୟ ସଂଗ୍ରହ କରିଥିବା ସମସ୍ତ ସକ୍ରିୟ ସଭ୍ୟ ଏହି ପ୍ରତିଷ୍ଠା ଦିବସ ପାଳନ ସମାରୋହରେ ଯୋଗ ଦେବେ । ସେହିଭଳି ପ୍ରତ୍ୟେକ ସହରାଞ୍ଚଳ ମୁଖ୍ୟାଳୟରେ ଦଳର ବିଭିନ୍ନ ପଦାଧିକାରୀ, ନିର୍ବାଚିତ ପ୍ରତିନିଧି, ନଗର ଯୁବ, ଛାତ୍ର, ମହିଳା ଏବଂ ବରିଷ୍ଠ ବିଜେଡ଼ି କମିଟିର ସମସ୍ତ ସଦସ୍ୟ, ୱାର୍ଡ଼ କମିଟିର ସମସ୍ତ ସଦସ୍ୟ ଏବଂ ୨୫ ଜଣ ବ୍ୟକ୍ତିଙ୍କୁ ଦଳର ପ୍ରାଥମିକ ସଦସ୍ୟ ସଂଗ୍ରହ କରିଥିବା ସକ୍ରିୟ ସଭ୍ୟମାନେ ଯୋଗ ଦେବେ ।

ମୁଁ ଭୁବନେଶ୍ୱରରୁ ୨୬ ଡିସେମ୍ବର ଅପରାହ୍ନ ଘ୪.୩୦ ମିନିଟ୍ ସମୟରେ ଆପଣମାନଙ୍କ ସହିତ ଯୋଗ ଦେବି ଏବଂ ଆମେ ସମସ୍ତେ ମିଳିମିଶି ବିଜୁ ଜନତା ଦଳର ୨୫ତମ ପ୍ରତିଷ୍ଠା ଦିବସ ପାଳନ କରିବା ।

ଡିସେମ୍ବର ୨୬ ଠାରୁ ବର୍ଷ ସାରା ବିଭିନ୍ନ ସାଂଗଠନିକ କାର୍ଯ୍ୟକ୍ରମ, ସମାଜ କଲ୍ୟାଣ କାର୍ଯ୍ୟକ୍ରମ ଏବଂ ଲୋକସେବା ମାଧ୍ୟମରେ ରାଜ୍ୟବାସୀଙ୍କ ଆହୁରି ନିକଟତର ହେବା, ଦଳୀୟ ଏକତା, ଶୃଙ୍ଖଳା ବଜାୟ ରଖି ତ୍ୟାଗ ଏବଂ ନିଷ୍ଠାର ସହିତ ଓଡ଼ିଶାବାସୀଙ୍କ ସେବାରେ ନିଜକୁ ପୂର୍ଣ୍ଣ ପ୍ରାଣରେ ସମର୍ପିତ କରିବା ହିଁ ହେବ ଏହି ପ୍ରତିଷ୍ଠା ଦିବସରୁ ଆମର ଆଗାମୀ କାଲି ପାଇଁ ଦଳୀୟ କାର୍ଯ୍ୟକ୍ରମର ଖସଡ଼ା । ଏହି ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟବାସୀଙ୍କର ଆମ ଉପରେ ରହିଥିବା ଆସ୍ଥା ବଜାୟ ରଖିବା, ଜନସେବାକୁ ଆମ ରାଜନୀତିର ମୂଳମନ୍ତ୍ର ଭାବରେ ଗ୍ରହଣ କରି କାମ କରିବା ।

୨୫ ତମ ପ୍ରତିଷ୍ଠା ଦିବସ ଅବସରରେ ଆପଣଙ୍କୁ ତଥା ମୋର ପ୍ରିୟ ଓଡ଼ିଶାବାସୀଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ।
**ସମସ୍ତେ କୋଭିଡ୍ ନିୟମ ମାନି ଚଳିବା, କୋଭିଡ୍ ସଂକ୍ରମଣରୁ ଦୂରରେ ରହିବା ।**

ବନ୍ଦେ ଉତ୍କଳ ଜନନୀ ।

ଇତି,
ଆପଣଙ୍କର

(ନବୀନ ପଟ୍ଟନାୟକ)